ନବଜୀବନ ପ୍ରତିଷ୍ଠାତା

ଚିନ୍ତାମଣି ମିଶ୍ର

ଜନ୍ମ:
୨୯ ନଭେମ୍ବର, ୧୯୦୪

ମୃତ୍ୟୁ:
୧୪ ଅଗଷ୍ଟ, ୧୯୮୦

ତା ୧୭ । ୪ । ୯୩ରେ ଶ୍ରୀରାମଚନ୍ଦ୍ର ଭବନଠାରେ
ପ୍ରତିକୃତି ଉନ୍ମୋଚନ ଉପଲକ୍ଷ୍ୟେ ପ୍ରକାଶିତ

Digitized by srujanika@gmail.com

ନବଜୀବନ ପ୍ରତିଷ୍ଠାତା

ଚିନ୍ତାମଣି ମିଶ୍ର

ଆବିର୍ଭାବ—୨୯ । ୧୧ । ୧୯୦୪ (ବାଜପୁର)

ତିରୋଧାନ—୧୫ । ୮ । ୧୯୮୦ (କଟକ ଗୃନ୍ଦନୀଚୌକ)

ପ୍ରତିକୃତି ଉନ୍ମୋଚନ—୧୭ । ୪ । ୧୯୯୩

ଶ୍ରୀରାମଚନ୍ଦ୍ର ଭବନ, କଟକ

ସୃଷ୍ଟିର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କେତେ ମହାତ୍ମା, ପୁଣ୍ୟାତ୍ମା, ପରିଚିତ ଅପରିଚିତ ଆତ୍ମା ଏ ଧରାପୃଷ୍ଠରେ ଇହଲୀଳା ସାଙ୍ଗ କରି ଜନ-ମାନସରୁ ବିସ୍ମୃତ ହୋଇଗଲେଣି ତାର ହିସାବ ନାହିଁ । ପାରିପାର୍ଶ୍ୱିକ ଅବସ୍ଥା ତଥା ସାମାଜିକ ବ୍ୟବସ୍ଥାକୁ ପରାହତ କରି ସ୍ୱପ୍ରଚେଷ୍ଟା ବଳରେ ଯେଉଁମାନେ କୀର୍ତ୍ତି ଅବଦାନ ଏ ଦେଶମାତୃକା ପାଇଁ ପ୍ରଦାନ କରି ଯାଇଛନ୍ତି, ସେହି ବିଶୁଦ୍ଧାତ୍ମାମାନଙ୍କ ମଧ୍ୟରୁ ସ୍ୱର୍ଗୀୟ ଚିନ୍ତାମଣି ମିଶ୍ର ଅନ୍ୟତମ । ସଂସ୍କାରସମ୍ପନ୍ନ, ରକ୍ଷଣଶୀଳ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି, ଦାରିଦ୍ର୍ୟର ନିଷ୍ଠୁର ନିପୀଡ଼ନକୁ ଭ୍ରୂକ୍ଷେପ ନ କରି ଖୋର୍ଦ୍ଧାର ବାଜପୁରଠାରୁ ସତ୍ୟବାଦୀ ବଲାଙ୍ଗୀର ଦେଇ କଟକ ପର୍ଯ୍ୟନ୍ତ ଲମ୍ବିଥିବା ଶିକ୍ଷାକ୍ଷେତ୍ରର ଚଉସୀମା ତାଙ୍କ ଜ୍ଞାନର ପରିସୀମାକୁ ବ୍ୟାପ୍ତ, ମଜବୁତ ଓ ପ୍ରଭାବଶାଳୀ କରି ପାରିଥିଲା ।

ଶ୍ରୀମକାନ୍ତ ସ୍ୱଭାବ, ଧାର୍ମିକ ବ୍ୟକ୍ତିତ୍ୱ ଅଥଚ ଉଦାର ହୃଦୟ, କଠୋର କର୍ମନିଷ୍ଠା ଅଥଚ ହାସ୍ୟରସାତ୍ମକ ବ୍ୟବହାର ତାଙ୍କ ଚରିତ୍ରର ବିଶେଷତ୍ୱ । ଯୁବାବସ୍ଥାରେ ମାତୃଭୂମିର ମୁକ୍ତି ସଂଗ୍ରାମରେ ଝାସ ଦେଇ ବହୁ ନିର୍ଯାତନା ଓ କାରାବରଣ ସହ୍ୟ କରି ସେ ଦେଶପ୍ରେମର ଯେତିକି ସୂଚନା ଦେଇଛନ୍ତି, ଜଣେ ଦକ୍ଷ ପ୍ରଶାସକ ଏବଂ ଅନନ୍ୟ ପ୍ରତିଭାସମ୍ପନ୍ନ ସାରସ୍ୱତ ଶିଳ୍ପୀ ଭାବରେ ଦେଶ ମାତୃକା ପାଇଁ ତା'ଠାରୁ ଯଥେଷ୍ଟ ଅଧିକ କାର୍ଯ୍ୟ କରିଛନ୍ତି ।

Digitized by srujanika@gmail.com

ତାଙ୍କ ରଚିତ "ଅର୍ଦ୍ଧଶତାବ୍ଦୀର ଅନୁଭୂତି" ପାଠ କଲେ, ତାଙ୍କ ପିତୃ ପିତାମହଙ୍କ ପାରିବାରିକ ଜୀବନର ଜୀବନ୍ତ ଚିତ୍ର ମିଳିବା ସଙ୍ଗେ ସଙ୍ଗେ ସେ ସମୟର ସାମାଜିକ ଅବସ୍ଥା ଓ ତାଙ୍କ ଜୀବନର ବହୁ ଅନୁଭୂତି ଅଭିଜ୍ଞତାର ସୁନ୍ଦର ବ୍ୟାଖ୍ୟା ମିଳିଥାଏ । "ଅର୍ଦ୍ଧଶତାବ୍ଦୀର ଅନୁଭୂତି" ଜୀବନୀ ହେଲେ ମଧ୍ୟ ସ୍ୱାଦପୂର୍ଣ୍ଣ । ଭାବ, ଭାଷା ଓ ପ୍ରକାଶ ଭଙ୍ଗୀର ନିଜସ୍ୱ ଶୈଳୀ ଏତେ ଜୀବନ୍ତ ଯେ ପାଠକ ଅନାୟାସରେ ଆପ୍ୟାୟିତ ହେବେ ଏଥିରେ ସନ୍ଦେହ ନାହିଁ । ତାଙ୍କ ଲେଖନୀର ପ୍ରତିଭା ଅନନ୍ୟ ସାଧାରଣ ।

ସ୍ୱର୍ଗୀୟ ମିଶ୍ରଙ୍କ ରଚିତ "ଦେବଦେବଙ୍କ ଦୁର୍ଗତି" ଏକ ବ୍ୟଙ୍ଗାତ୍ମକ ସାହିତ୍ୟ କୃତି । ନିଷ୍ଠାପର ଦେଶଭକ୍ତ, ସାମାଜିକ କର୍ତ୍ତବ୍ୟବୋଧସମ୍ପନ୍ନ ସଚ୍ଚୋଟ ବ୍ୟକ୍ତି ଜଣକ ସ୍ୱାଧୀନତାର ପରବର୍ତ୍ତୀ କାଳରେ, ସମାଜର ସବୁ କ୍ଷେତ୍ରର ଲୋକମାନଙ୍କ ମଧ୍ୟରେ ଚରମ ଅବହେଳା, କର୍ତ୍ତବ୍ୟହୀନତାର ଦୁଃଖଦ ଅବସ୍ଥା ଅନୁଧ୍ୟାନ କରି ଅତି ସୁନ୍ଦର ଭାବରେ ତାଙ୍କର ନିଖୁଣ ନିଜସ୍ୱ ପ୍ରକାଶ ଭଙ୍ଗୀରେ ବର୍ଣ୍ଣନା କରିଛନ୍ତି ।

"କାଳର ନିଷ୍ପତ୍ତି" ସ୍ୱର୍ଗୀୟ ଚନ୍ଦ୍ରମଣି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ସଂକଳନ । ପ୍ରତିଟି ଗଳ୍ପ ଜୀବନ୍ତ, ମଧୁର ଓ ସ୍ୱାଭାବିକ ଅଭିବ୍ୟକ୍ତି ସମ୍ପନ୍ନ । ଗଳ୍ପ ଗୁଡ଼ିକର ପ୍ରତିଟି ଚରିତ୍ର ଏତେ ଜୀବନ୍ତ ଯେ ଚନ୍ଦ୍ରମଣି ବାବୁଙ୍କର ପରିବାର ସହିତ ଯେ ଓତପ୍ରୋତ ଭାବେ ଜଡ଼ିତ ଥିବ ସେ ନିଶ୍ଚୟ ଅନୁଭବ କରିବ ଯେପରି ତାଙ୍କର ନିଜ ପରିବାରରୁ ସେ ପ୍ରତିଟି ଚରିତ୍ର ଗ୍ରହଣ କରିଛନ୍ତି । ସ୍ୱର୍ଗୀୟ ମିଶ୍ରଙ୍କ ସହଧର୍ମିଣୀ ସାବିତ୍ରୀ ଦେବୀ ଥିଲେ ଜଣେ ପରିପକ୍ୱ ଗୃହିଣୀ ତଥା ସ୍ନେହ, ମମତା, କରୁଣାର ମୂର୍ତ୍ତିମନ୍ତ ଅବତାର । "କାଳର ନିଷ୍ପତ୍ତି" ଗଳ୍ପ ଗୁଡ଼ିକର ନାରୀ ଚରିତ୍ରରେ ସାବିତ୍ରୀ ଦେବୀଙ୍କ ରୂପ, ଗୁଣ, ସ୍ୱଭାବ, ଜୀବନ୍ତଭାବେ ପ୍ରସ୍ଫୁଟମାନ ହୁଏ ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ପ୍ରାୟ ୧୯୨୧ ମସିହାରେ ଜୀବନ ସଂଗ୍ରାମରେ ପ୍ରବେଶ ବେଳକୁ ଚନ୍ଦ୍ରମଣି ବାବୁଙ୍କର ଚିନ୍ତନ କରିବା ଥିଲା ଜୀବିକା । ଖେଳ, ସାହିତ୍ୟ ସଭା, ସ୍ୱାଧୀନତା ଆନ୍ଦୋଳନ ତ ଜୀବନର ଧର୍ମ । ଅପ୍ରତ୍ୟାଶିତ ଭାବେ ସେ ସମୟରେ ତାଙ୍କୁ ସୁଯୋଗ ମିଳିଲା "ଦୈନିକ ସମାଜ" ପ୍ରକାଶନରେ କଣ୍ଟ୍ରିବ୍ୟୁସନ ଯୋଗ ଦେଇ ସମ୍ପାଦନା କାର୍ଯ୍ୟ ତୁଲାଇବା ପାଇଁ । ମାତ୍ର ସେ ଅନୁଷ୍ଠାନରେ ନିଜର ପାରଦର୍ଶିତା ଉତ୍ତମ ଭାବେ ଦେଖାଇ

Digitized by srujanika@gmail.com

ମଧ୍ୟ ସ୍ୱ-ସ୍ୱଭାବସୁଲଭ ଆତ୍ମାଭିମାନ ଯୋଗୁଁ ସେ ସେଥିରୁ ବିଦାୟ ନେଇ ସପରିବାର ବ୍ରହ୍ମପୁର ଆସିଲେ "ଦୈନିକ ଆଶା"ର ଉତ୍ତରୋତ୍ତର ଉନ୍ନତି କରିବା ନିମନ୍ତେ । ପ୍ରତିଷ୍ଠାତା ଶଶିଭୂଷଣ ରଥଙ୍କ ନିଷ୍କପଟ ଶ୍ରଦ୍ଧା ଓ ଗୁଣ-ଗ୍ରାହକତା ଯୋଗୁଁ ଚିନ୍ତାମଣି ବାବୁ ଦୈନିକ ଆଶାର ପରିଚାଳନା ସମ୍ପାଦକ ହେବାର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ଦୈନିକ ଆଶାର ଅନ୍ୟ ଏକ ରୂପଗୁଣ ସମ୍ପନ୍ନ ସର୍ବାଙ୍ଗସୁନ୍ଦର ସାପ୍ତାହିକ କଳେବର ପ୍ରକାଶ କରିବାକୁ ସକ୍ଷମ ମଧ୍ୟ ହେଲେ ।

ବିଧିର ବିଧାନ ବିଚିତ୍ର । ଗୋଲ ଟେବଲ ବୈଠକ ଫେରନ୍ତା ନେତାଙ୍କ ବିରୁଦ୍ଧରେ ସେକାଳ ସରକାରଙ୍କର କ୍ଷୁଦ୍ର ହିଂସ୍ରଭାବକୁ ପ୍ରତି-ହିଂସାରେ ଜର୍ଜ୍ଜରିତ ଚିନ୍ତାମଣି ମିଶ୍ରଙ୍କ ପ୍ରାଣ ଉଗ୍ର ସମାଲୋଚନା କରିବାରେ ପ୍ରବୃତ୍ତ ହୋଇଥାଏ । ଦୈନିକ ଆଶାର ସମ୍ପାଦକୀୟ ସ୍ତମ୍ଭ ଅମୋଘ ଅସ୍ତ୍ର । ମାତ୍ର ଫଳ ହେଲା ଓଲଟା । ପ୍ରତିଷ୍ଠାତାଙ୍କ ସରକାର-ଭୟରୁ କୁଣ୍ଠିତ ଆଭାସ ପାଇ ନିର୍ଭୀକ ଚିନ୍ତାମଣି ସବୁ ମମତା, ସବୁ ସୁନାମକୁ ପଛରେ ପକାଇ ତତ୍‌କ୍ଷଣାତ୍ ସେ ଅନୁଷ୍ଠାନରୁ ବିଦାୟ ନେଲେ । ଏ ହେଲା ତାଙ୍କ ଚରିତ୍ରର ବିଶେଷତ୍ୱ ।

ସାରସ୍ୱତ ପ୍ରେସର ପ୍ରତିଷ୍ଠାତା ବାଳକୃଷ୍ଣ କରଙ୍କ ଉତ୍ସାହ ଓ ସୌଜନ୍ୟରୁ 'ଜଗୁଆ ମା' 'ବିବାହ ରହସ୍ୟ' ଉପନ୍ୟାସ ମାଳାରେ ଛପା ହେବା ପରେ, ବ୍ରହ୍ମପୁରରୁ ବିଦାୟ ପରେ 'ହତଭାଗ୍ୟ' ଉପନ୍ୟାସର ରଚନା ଆରମ୍ଭ ହୁଏ । ପଶା ଖେଳିବା, ଗଳ୍ପ କହିବା ଓ ଶୁଣିବା, ନିଜକୁ ବୃକୋଦର ଆଖ୍ୟା ଦେଇ ସୁଖାଦ୍ୟ ଭୋଜି ମଉଜ ପ୍ରତି ସଦା ଆକୃଷ୍ଟ ନିର୍ଭୀକ ଚିନ୍ତାମଣି ମିଶ୍ରଙ୍କୁ ଜୀବିକା ପାଇଁ ପୁନଶ୍ଚ ଟ୍ୟୁସନର ପନ୍ଥା ଧରି ଧନାଢ୍ୟ ବ୍ୟକ୍ତି ଭାସ୍କର ମହାପାତ୍ରଙ୍କ ପିଲାଙ୍କ ଗୃହଶିକ୍ଷକ ହୋଇ ପୁରୀ, କଟକ, କଲିକତା ହେବାକୁ ପଡ଼ିଥିଲା । ମହା ମଉଜରେ, ଅତି ଆଦରରେ ସସମ୍ମାନେ ଶିକ୍ଷକତା କରୁଥିବା ଚିନ୍ତାମଣିବାବୁ ମାଲିକଙ୍କ ସାମାନ୍ୟ କଥାକୁ ସହ୍ୟ କରି ନ ପାରି ଜୀବିକାର୍ଜ୍ଜନର ସେ ମୋଡ଼କୁ କ୍ଷଣକେ ବଦଳାଇ ଦେଇ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରାମର୍ଶ ଓ ସାହାଯ୍ୟ କ୍ରମେ ବହୁ ପରିଶ୍ରମ ବହୁ ପ୍ରଚେଷ୍ଟା ବଳରେ "ନବଭାରତ" ପତ୍ରିକା ପ୍ରକାଶନ କଟକରେ ଆରମ୍ଭ କଲେ । ଶୁଦ୍ଧ ପରିଷ୍କାର ଛପା, ଉତ୍କୃଷ୍ଟ ବିଷୟ ନିର୍ବାଚନ ଏବଂ ବଳିଷ୍ଠ

Digitized by srujanika@gmail.com

ସମ୍ପାଦକୀୟତ୍ୱ ପାଇଁ "ନବଭାରତ" ସମଗ୍ର ପାଠକ ଗୋଷ୍ଠୀରେ ଆଦୃତ ହେବା ସଙ୍ଗେ ସଙ୍ଗେ ଚନ୍ଦ୍ରମଣି ମିଶ୍ରଙ୍କ ସାରସ୍ୱତ ଭାବଧାରାର କର୍ଣ୍ଣଧାର ହେଲା । ତାଙ୍କ ଅକ୍ଳାନ୍ତ ପରିଶ୍ରମ, ଦୃଢ଼ ଆତ୍ମପ୍ରତ୍ୟୟ ଓ ପୂର୍ବ ପ୍ରତିଭାଙ୍କର ନିଦର୍ଶନ ସ୍ୱରୂପ 'ନବଭାରତ' ପ୍ରତିଷ୍ଠା ଲାଭ କଲା । ତା ସହିତ ତାଙ୍କ ସମ୍ପାଦନାରେ ରାଜନୀତିକ ମୁଖପତ୍ର ଭାବରେ ଜନ୍ମ ନେଲା 'ଲୋକମତ' ସାପ୍ତାହିକ ପତ୍ରିକା । ନିର୍ଭୀକ ସ୍ପଷ୍ଟବାଦୀ ଗାଳ୍ପିକ-ଔପନ୍ୟାସିକ ପ୍ରାବନ୍ଧିକ ହାସ୍ୟରସିକ ବାଗ୍ମୀ ରାଜନୀତିଜ୍ଞ ଚନ୍ଦ୍ରମଣି ମିଶ୍ର ଘଟଣାଚକ୍ରରେ 'ନବ-ଭାରତ'ର ଗାଢ଼ ବନ୍ଧନକୁ ମଧ୍ୟ ଛିନ୍ନ କରିବାକୁ ବାଧ୍ୟ ହୋଇଥିଲେ ।

ଏତଦ୍ ବ୍ୟତୀତ ରାଜନୀତି ଓ ସଙ୍ଗଠନ କ୍ଷେତ୍ରରେ ମଧ୍ୟ ସ୍ୱର୍ଗୀୟ ମିଶ୍ରଙ୍କର ଦକ୍ଷତା ଯଥେଷ୍ଟ ଥିଲା । କିଛିଦିନ ପାଇଁ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସେ ସମ୍ପାଦକ ଥିଲେ ।

ପାରଳା ମହାରାଜା ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରୀମଣ୍ଡଳ ଓଡ଼ିଶାର ଶାସନ ଦାୟିତ୍ୱରେ ଥିବାବେଳେ ସେ ସରକାରୀ କର୍ମଚାରୀ ଭାବେ ଯୋଗ ଦେଇଥିଲେ । ୧୯୪୪ ମସିହା ଜାନୁଆରୀ ୮ ତାରିଖରେ ଶ୍ରୀ ମିଶ୍ର ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ପବ୍ଲିସିଟି ଅଫିସର ଭାବେ ନିଯୁକ୍ତି ପାଇଥିଲେ । ୧୯୪୪ ମସିହା ଅଗଷ୍ଟ ମାସ ୨୧ ତାରିଖରେ ପ୍ରଚାର ବିଭାଗର ଆସିଷ୍ଟାଣ୍ଟ ସେକ୍ରେଟାରୀ ଏବଂ ଜାତୀୟ ସମର ସାମ୍ମୁଖ୍ୟର ଅର୍ଗାନାଇଜିଂ ସେକ୍ରେଟାରୀ ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ପୁଣି ସେହି ବର୍ଷ ନଭେମ୍ବର ମାସ ୧୪ ତାରିଖରେ ପବ୍ଲିସିଟି ଅଫିସର, ଫୁଡ଼ ପବ୍ଲିସିଟି ଅଫିସର, ସର୍କଲ ଅଫିସର, ସ୍ୱଳ୍ପ ସଞ୍ଚୟ ଯୋଜନାର ଦାୟିତ୍ୱ ନେବା ସଙ୍ଗେ ସଙ୍ଗେ ଜାତୀୟ ସମର ସାମ୍ମୁଖ୍ୟର ଅର୍ଗାନାଇଜିଂ ସେକ୍ରେଟାରୀ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ । ୧୯୪୫ ମସିହା ଜୁନ୍ ପହିଲାରେ ପ୍ରାଦେଶିକ ସଙ୍ଗଠନ ଏବଂ କ୍ଷେତ୍ରପ୍ରଚାର ପରି-କଳ୍ପନାର ଦାୟିତ୍ୱ ଗ୍ରହଣ କରିଥିଲେ ।

୧୯୪୭ ମସିହା ଜୁଲାଇ ୧୧ ତାରିଖରେ ପ୍ରଚାର ବିଭାଗର ସେ ନିଜ ପଦବୀ ବଳରେ (ଏକ୍ସ ଅଫିସିଓ) ଅଣ୍ଡର ସେକ୍ରେଟାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୪୮ ମସିହା ଫେବୃଆରୀ ୧୧ ତାରିଖରୁ

Digitized by srujanika@gmail.com

ସେ ଓଡ଼ିଶା ଦେଶୀୟ ରାଜ୍ୟ ଏକ୍‌ଜିକ୍ୟୁଟିଭ କାଉନ୍‌ସିଲ ଓ ବିଧାନ ପରିଷଦର ସେକ୍ରେଟାରୀ ଥିଲେ ।

୧୯୪୯ ମସିହା ଜାନୁଆରୀ ପହିଲାରେ ଚିଫ୍ ୱେଲ୍‌ଫେୟାର ଅଫିସର ଥିଲେ । ସେହି ବର୍ଷ ଡିସେମ୍ବର ମାସ ବାର ତାରିଖରେ ଗ୍ରାମ-ମଙ୍ଗଳ ବୋର୍ଡ୍ ନିର୍ଦ୍ଦେଶକ ରୂପେ ଯୋଗ ଦେଇଥିଲେ ।

୧୯୫୧-୧୯୫୫ ମସିହା ମଧ୍ୟରେ ସେ ଆଦିବାସୀ ଗ୍ରାମ ମଙ୍ଗଳ ବିଭାଗ ଏବଂ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଓ ଶାସନ ସଚିବ ଥିଲେ । ହରିଜନ ଆଦିବାସୀ ଉନ୍ନୟନ—ଏକ ବିପ୍ଳବାତ୍ମକ କାର୍ଯ୍ୟକ୍ରମ । ସେବାଶ୍ରମ, ଆଶ୍ରମସ୍କୁଲ ଇତ୍ୟାଦି ବିଭିନ୍ନ ଅଞ୍ଚଳରେ ସ୍ଥାପନ କରିବା ଏବଂ ଆଦିବାସୀଙ୍କ ମଧ୍ୟରେ ନୂତନ ସଭ୍ୟତା ବିସ୍ତାର କରିବା ଦିଗରେ ସେ ଯେତେ କାର୍ଯ୍ୟ ଯେପରି କୁଶଳତା ସହକାରେ କରିଥିଲେ ସେପରି ଅନ୍ୟ କେହି କରିପାରି ନାହାନ୍ତି । ବାର୍ଷିକ ଆଦିବାସୀ ସମ୍ମିଳନୀ ଓ ସେମାନଙ୍କଦ୍ୱାରା ଉତ୍ପାଦିତ ସାମଗ୍ରୀମାନଙ୍କର ପ୍ରଦର୍ଶନୀ ଥିଲା ଚିନ୍ତାମଣି ମିଶ୍ରଙ୍କର ମୌଳିକ ଯୋଜନା । ଆଜିର ଭୁବନେଶ୍ୱରର ପ୍ରସିଦ୍ଧ ଆଦିବାସୀ ପଡ଼ିଆ ହେଉଛି ଶ୍ରୀ ମିଶ୍ରଙ୍କର ଯୋଜନା ପ୍ରସୂତ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜ ସରକାରଙ୍କର ଯୁଦ୍ଧ ଉଦ୍ୟମକୁ ସଫଳ କରି ଜନମାନସକୁ ଆକୃଷ୍ଟ କରିବା ପାଇଁ ଜନ୍ମ ନେଲା 'ଓଡ଼ିଶା ରିଭ୍ୟୁ' ଇଂରାଜୀ ପତ୍ରିକା ଓ ତାର ଓଡ଼ିଆ ସଂସ୍କରଣ "ଉତ୍କଳ ପ୍ରସଙ୍ଗ" ନାମକ ଦୁଇଟି ପାକ୍ଷିକ ପତ୍ରିକା । ଏ ଉଭୟ ପତ୍ରିକାର ପ୍ରାଣ-ପ୍ରତିଷ୍ଠାତା ଥିଲେ ସ୍ୱର୍ଗୀୟ ଚିନ୍ତାମଣି ମିଶ୍ର ।

ସରକାରୀ ଚାକିରିରୁ ଇସ୍ତଫା ଦେଇ 'ନବଜୀବନ' ମାସିକ ପତ୍ରିକା ନିୟମିତ ରୂପେ ପ୍ରକାଶ କରିଥିଲେ । ଏହି ପତ୍ରିକା ମାଧ୍ୟମରେ ନୂଆ ସାହିତ୍ୟିକ ଗଢ଼ିତୋଳିବା, ମୂଲ୍ୟବାନ ଲେଖା ପ୍ରକାଶ କରି ସାହିତ୍ୟର ମାନ ବଢ଼ାଇବା ଥିଲା ତାଙ୍କର ଲକ୍ଷ୍ୟ ।

'ନବଜୀବନ'ର ପ୍ରତ୍ୟେକ ଲେଖକଙ୍କ ସହ ସେ ବ୍ୟକ୍ତିଗତ ଯୋଗାଯୋଗ ରଖୁଥିଲେ । ଲେଖାଟିଏ ପାଇଲେ ଯଦି ତାକୁ ପଢ଼ି ସନ୍ତୋଷ ପାଆନ୍ତି ତେବେ ସେ ଲେଖକଙ୍କୁ ସାଧୁବାଦ ଜଣାଇ ଅଧିକରୁ

Digitized by srujanika@gmail.com

ଅଧିକ ଲେଖିବାକୁ ଉତ୍ସାହିତ କରୁଥିଲେ । ଯେଉଁ ଲେଖା ପୂର୍ଣ୍ଣ ସନ୍ତୋଷ ଦେଇପାରୁ ନ ଥିଲା ତା'ର ଲେଖକଙ୍କୁ ମଧ୍ୟ ଉପଯୁକ୍ତ ଦିଗ୍‌ନିର୍ଦ୍ଦେଶ ଦେଇ ଲେଖି ଦେଉଥିଲେ । କଟକ ନବଜୀବନ କାର୍ଯ୍ୟାଳୟଠାକୁ ଆସି ଆଲୋଚନା କରିବାକୁ ମଧ୍ୟ ପରାମର୍ଶ ଦେଉଥିଲେ । ଯେଉଁ ଲେଖା ତା'ର ନିମ୍ନମାନ ଯୋଗୁ 'ନବଜୀବନ'ରେ ପ୍ରକାଶ କରାଯାଇ ପାରୁ ନ ଥିଲା ତାକୁ ମଧ୍ୟ ସଂଶୋଧନ କରି ଉପଯୁକ୍ତ ପରାମର୍ଶ ସହ ଲେଖକଙ୍କୁ ଫେରାଇ ଦିଆହେଉଥିଲା ଠିକ୍ ଭାବରେ ଲେଖି ପଠାଇବା ପାଇଁ । ଏହିପରି ପ୍ରଚେଷ୍ଟାରେ ଆଜି ଅନେକ ଲେଖକ ପ୍ରତିଷ୍ଠିତ ହୋଇ ପାରିଛନ୍ତି ।

'ନବଜୀବନ'ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାବ ଥିଲା 'ସମ୍ପାଦକୀୟ' । 'ସମ୍ବାଦ ଓ ସଂକେତ' ନାମରେ ପ୍ରକାଶିତ 'ନବଜୀବନ'ର ସମ୍ପାଦକୀୟ ପତ୍ରିକାର ଶେଷରେ ଛପା ହେଉଥିଲେ ମଧ୍ୟ ପାଠକେ ପତ୍ରିକାଟି ପାଇଲେ ପ୍ରଥମେ ଶେଷଆଡ଼ୁ ପଢ଼ିବା ଆରମ୍ଭ କରୁଥିଲେ । ସୁଦୂର ଦୃଷ୍ଟି ସମ୍ପନ୍ନ ସାମାଜିକ, ରାଜନୈତିକ, ଆର୍ଥନୀତିକ ତଥା ପାରିବାରିକ ଆଲୋଚନା ସହ ଦିଗ୍‌ଦର୍ଶନ ଚିନ୍ତାମଣି ମିଶ୍ରଙ୍କ 'ସମ୍ବାଦ ଓ ସଂକେତ'ର ବିଶେଷତ୍ୱ ଥିଲା ।

'ନାରାୟଣ କର', 'ଅଲେଖ ଶର୍ମା', 'ଶ୍ରୀ', 'ବାରବୁଲା' ଇତ୍ୟାଦି ଛଦ୍ମ ନାମରେ ମଧ୍ୟ ଅନେକ ପ୍ରବନ୍ଧ ଓ ଗଳ୍ପ ସ୍ୱର୍ଗୀୟ ମିଶ୍ର ନିଜେ ନବଜୀବନରେ ଲେଖୁଥିଲେ ।

ମୂଳ ସଂସ୍କୃତ ମହାଭାରତର ଓଡ଼ିଆ ଗଦ୍ୟାନୁବାଦ କରି ସେ ନବଜୀବନରେ ପ୍ରକାଶ କରିଥିଲେ । ତାଙ୍କର ସାବଲୀଳ ଗଦ୍ୟ ଶୈଳୀ ଏବଂ ସଂସ୍କୃତ ଭାଷାରେ ଅଗାଧ ପ୍ରବେଶ ଯୋଗୁ ଅନୁବାଦଟି ଅତି ଉଚ୍ଚକୋଟୀର ଏବଂ ସରସ ହେଉଥିଲା । ଅନୁବାଦ ଶେଷ ହୋଇପାରି ନାହିଁ, ବନ ପର୍ବରେ ହିଁ ରହିଯାଇଛି । କେହି ଆଗ୍ରହୀ ସ୍ୱର୍ଗୀୟ ଚିନ୍ତାମଣି ମିଶ୍ରଙ୍କ ଶୈଳୀରେ ଅବଶିଷ୍ଟ ଅନୁବାଦ କରିପାରିଲେ ଏକ ଅନବଦ୍ୟ ସୃଷ୍ଟି କାଳ-କାଳକୁ ରହିଯାଆନ୍ତା ।

୧୯୭୦-୭୧-୭୨ରେ ଦୁଇବର୍ଷ ପାଇଁ ନବଜୀବନ ମାସିକ ସଙ୍ଗେ ସଙ୍ଗେ ସାପ୍ତାହିକ ନବଜୀବନ ମଧ୍ୟ ପ୍ରକାଶ କରାଯାଉଥିଲା । ମାତ୍ର ଆର୍ଥିକ ଦିଗରୁ ତାହା ଅତ୍ୟନ୍ତ କଷ୍ଟସାଧ୍ୟ ହେବାରୁ ବାଧ୍ୟ ହୋଇ ବନ୍ଦ କରାଗଲା ।

Digitized by srujanika@gmail.com

ଲୋକମତ, ନବଭାରତ, ଦୈନିକ ଆଶା, ମାସିକ ନବଜୀବନ ଏବଂ ସାପ୍ତାହିକ ନବଜୀବନ ବ୍ୟତୀତ ସ୍ୱର୍ଗୀୟ ଚନ୍ଦ୍ରାମଣି ମିଶ୍ରଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ନିମ୍ନ ପ୍ରକାରର—

୧୯୩୨ରୁ ୧୯୩୫ ମଧ୍ୟରେ ରଚିତ ଓ ପ୍ରକାଶିତ ତିନୋଟି ଉପନ୍ୟାସ—(୧) ହତଭାଗ୍ୟ, (୨) ଜଗୁଆ ମା ଓ (୩) ବିବାହ ରହସ୍ୟ; ଗୋଟିଏ ଜୀବନୀ—ଇଟାଲିର ଭାଗ୍ୟ ବିଧାତା ଗ୍ୟାରିବାଲ୍‌ଡ଼ି । ତିନୋଟି ଗଳ୍ପର ସମାହାର—ତିନୋଟି ଗଳ୍ପ ।

ଚାକିରି କାଳ ଭିତରେ ଯଦିଓ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭିଉ ଏବଂ ଆକାଶବାଣୀ ପାଇଁ ଅନେକ ପ୍ରବନ୍ଧ ଲେଖିଥିଲେ, ସ୍ୱତନ୍ତ୍ର ପ୍ରକାଶନ ପାଇଁ ଲେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ୧୯୫୫ରେ ସରକାରୀ ଚାକିରିରୁ ଇସ୍ତଫା ଦେଇ ନବଜୀବନ କାର୍ଯ୍ୟାଳୟ ଓ ପ୍ରେସ ପ୍ରତିଷ୍ଠା କରିବା ପରେ ନିମ୍ନଲିଖିତ ବହି ଲେଖାଯାଇ ପ୍ରକାଶିତ ହୋଇଛି ୧୯୫୫ରୁ ପରବର୍ତ୍ତୀ କାଳରେ—(୧) ରାଷ୍ଟ୍ରନାୟକ ଜହରଲାଲ, (୨) ହିନ୍ଦୁ ଧର୍ମରେ ଜାତି ଓ ତା'ର ଗତି, (୩) ଦେବ ଦେବଙ୍କ ଦୁର୍ଗତି, (୪) ପଞ୍ଚପର୍ଣ୍ଣୀ, (୫) କାଳର କଷ୍ଟିରି, (୬) ଅକାଳ ଚଡ଼କ, (ଦୁଇଟିଯାକ ଗଳ୍ପ ସଂକଳନ), (୭) ଦେଖା ଓ ଦୁର୍ଭଗା, (୮) ଜୀବନ ନଦୀରେ ଭଉଁରୀ (ଦୁଇଟିଯାକ ଉପନ୍ୟାସ), (୯) ଅର୍ଦ୍ଧ ଶତାବ୍ଦୀର ଅନୁଭୂତି—ଦୁଇଭାଗରେ (ଆତ୍ମ-ଜୀବନୀ), (୧୦) ସ୍ୱପ୍ନ ସମ୍ପାଦକଙ୍କ ସଂଗ୍ରହ (ମାସିକ ନବଜୀବନରେ ପ୍ରକାଶିତ କେତେକ ଭିନ୍ନ ସ୍ୱାଦର ପ୍ରବନ୍ଧ ସଂକଳନ)

ସ୍ୱର୍ଗୀୟ ଚନ୍ଦ୍ରାମଣି ମିଶ୍ରଙ୍କର ଅନୁବାଦ କରିବାର ଦକ୍ଷତା ଅସାଧାରଣ ଥିଲା । ସଂସ୍କୃତ ମହାଭାରତ ଅନୁବାଦ ବିଷୟ ଆଗରୁ ଆଲୋଚିତ ହୋଇଛି । ଅନ୍ୟାନ୍ୟ ଅନୁବାଦ ହେଲା :—

ପଲ୍ ଏସ୍. ବକ୍‌ଙ୍କର "The Escape in Midnight and other Stories"ର ଅନୁବାଦ କରି ବହିଟିର ନାଁ ଦିଆଯାଇଛି "ନିଶିଥେ ନିସ୍ତାର ଓ ଅନ୍ୟାନ୍ୟ ଗଳ୍ପ" । ଏଡିଥ୍ ହ୍ୱାର୍ଟନ୍‌ଙ୍କର ଇଥାନ୍ ଫ୍ରୋମ୍ । ଜନ୍ ଷ୍ଟାଇନ୍‌ବେକ୍‌ଙ୍କର "The Winter of Our Discontent" ବହିର ଅନୁବାଦ କରାଯାଇ ନାଁ ଦିଆଯାଇଛି "ଆମ

Digitized by srujanika@gmail.com

ଦୃଷ୍ଟିରେ ଦୁର୍ଦ୍ଦିନ” । ବଶିଷ୍ଟ ଇଂରେଜ ସାମ୍ବାଦିକ ଲୁଇ ଫିଶର ମହାତ୍ମାଗାନ୍ଧୀଙ୍କର ଜୀବନୀ ଲେଖି ନାଁ ଦେଇଛନ୍ତି **“The Life of Mahatma Gandhi”** ତାକୁ “ମହାତ୍ମା ଗାନ୍ଧୀଙ୍କ ଜୀବନୀ” ନାମରେ ଅନୁବାଦ କରି ଦୁଇଭାଗରେ ପ୍ରକାଶ କରିଥିଲେ ସ୍ୱର୍ଗୀୟ ଚିନ୍ତାମଣି ମିଶ୍ର । ସେ ମହାତ୍ମା ଗାନ୍ଧୀଙ୍କର ଗୋଟିଏ ଗୋଟିଏ ଦିନର “ବାଣୀ”କୁ ଅନୁବାଦ କରି “ଗାନ୍ଧୀବାଣୀ” ନାମରେ ମଧ୍ୟ ପ୍ରକାଶ କରିଥିଲେ ।

ସ୍ୱର୍ଗୀୟ ମିଶ୍ରଙ୍କର ନିଜସ୍ୱ ଓଡ଼ିଆ ଗଦ୍ୟ ରଚନା ଶୈଳୀ ଏବଂ ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଯୋଗୁ ଅନୁବାଦଗୁଡ଼ିକ ଅତି ସୁଖପାଠ୍ୟ ହୋଇଥିବାର ଅନେକ ପାଠକ ପ୍ରକାଶ କରିଛନ୍ତି । ଏପରିକି ଥରେ ଜଣେ ବଶିଷ୍ଟ ଶିକ୍ଷାବିତ୍ କହିଥିଲେ ଲୁଇ ଫିଶରଙ୍କର ମୂଳ ରଚନା ଅପେକ୍ଷା ଚିନ୍ତାମଣି ମିଶ୍ରଙ୍କର ଓଡ଼ିଆ ଅନୁବାଦ ଅଧିକ ଜୀବନ୍ତ ହୋଇଛି ।

ସ୍ୱର୍ଗୀୟ ମିଶ୍ରଙ୍କର ପଶାଖେଳ ପ୍ରତି ଅତ୍ୟଧିକ ଆସକ୍ତି ଥିଲା । ସେ ଅନେକ ଜାଗାରେ ଲେଖିଛନ୍ତି ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ଅପେକ୍ଷା ପଶା ଖେଳ ହିଁ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଥରେ କଟକରୁ ଗାଁ (ଖୋର୍ଦ୍ଧା ନିକଟସ୍ଥ ବାଜପୁର)କୁ ଯିବା ବାଟରେ ଭୁବନେଶ୍ୱରରେ ଜ୍ୱାଇଁ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ ଘରକୁ ଯାଇଥିଲେ । ଡକ୍ଟର ମିଶ୍ର ଜଣେ ପଶାଖେଳ ପ୍ରେମୀ । ଚିନ୍ତାମଣି ତାଙ୍କୁ ସାଙ୍ଗରେ ଡାକିଲେ ଗାଁରେ ପଶା ଖେଳିବାକୁ ମାତ୍ର ଡକ୍ଟର ମିଶ୍ର ପରଦିନ ସକାଳେ ଭୁବନେଶ୍ୱରରେ କାମ ଥିବା ଦର୍ଶାଇ ଅନିଚ୍ଛା ପ୍ରକାଶ କଲେ । ସେଇ ପରିସ୍ଥିତିରେ ଜୀବନର ବୋଧହୁଏ ଏକମାତ୍ର କବିତା ଲେଖି ଝିଅ ହାତରେ ଜ୍ୱାଇଁଙ୍କ ନିକଟକୁ ପଠାଇଥିଲେ—

“ଆସ ପ୍ରଭୁ ଆସ ଆସ ଯିବା ବାଜପୁରେ,
ଘରେ ଗୋଡ଼ ଦେବା ମାତ୍ରେ ବସିବା ପଶାରେ ।
ପଶାଖେଳ ବନ୍ଦ ହେବ ରାତିରେ ନିଶ୍ଚୟ,
ବସେ ବୃତ୍ତେ ଫେରିବାକୁ ନାହିଁ ତ ସଂଶୟ ।”

ପଶା ଖେଳ ଆରମ୍ଭ ହେଲେ କେତେବେଳେ ଶେଷ ହେବ ଠିକଣା ନ ଥାଏ । ଅନେକ ସମୟରେ ପରଦିନ ସକାଳ ହୋଇଯାଏ ।

Digitized by srujanika@gmail.com

ବୈଦ୍ୟନାଥ ମିଶ୍ରଙ୍କର ସେ ଆଶଂକା ଦୂର କରାଯାଇ ତାଙ୍କୁ ପ୍ରବର୍ତ୍ତା-ଯାଇଥିଲା ।

ଚିନ୍ତାମଣି "ସର୍ବଧର୍ମ ସମଭାବ"ରେ ବିଶ୍ୱାସ କରୁଥିଲେ । ଅବଶ୍ୟ ସେଥିରେ କେତେକ ସୀମା ଥିଲା । ଆଜକାଲି କେବଳ ଉପର ମନରେ ଯେପରି ଟେଲିଭିଜନରେ ଓ ବକ୍ତୃତାରେ "ସର୍ବ ଧର୍ମ ସମଭାବ" ପ୍ରଚାର କରାଯାଉଛି, ମାତ୍ର କାର୍ଯ୍ୟକ୍ଷେତ୍ରରେ ତା'ର ଶତାଂଶ ବି ନାହିଁ, ଚିନ୍ତାମଣି-ଙ୍କର ସେପରି ନ ଥିଲା । ମୁସଲମାନ ଘରେ ତାଙ୍କର ସଙ୍ଗାତ ମୈତ୍ରୀ ବନ୍ଧୁତା ଥିଲା । ତାଙ୍କ ଘରେ ତଥାକଥିତ ଅସବର୍ଣ୍ଣ ଶାଖାର ସମସ୍ତ ବର୍ଣ୍ଣର ଲୋକେ ଘରର କଂସା ବାସନରେ ଖିଆପିଆ କରୁଥିଲେ ଏବଂ ସମସ୍ତ ବାସନ ଏକ ସଙ୍ଗେ ଉଠା ହେଉଥିଲା ।

ଅବସ୍ଥାଚକ୍ରରେ ସେ ଓଡ଼ିଶା ସରକାରଙ୍କର ଲୋକ ସମ୍ପର୍କ ବିଭାଗ ଏବଂ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ—ଦୁଇଟିଯାକ ବିଭାଗର ଏକ ସଙ୍ଗରେ ଶାସନ ସଚିବ ଥିଲେ ।

ଚିନ୍ତାମଣି ମିଶ୍ର ଆଜି ନାହାନ୍ତି । ମାତ୍ର ତାଙ୍କ ସଂପର୍କରେ ବିଭିନ୍ନ ମହତ୍ ଲୋକଙ୍କ ଅଭିମତ ରହିଯାଇଛି । ତାର କିଞ୍ଚିତ୍‌ମାତ୍ର ଉଦ୍ଧୃତି ଏଠାରେ ଦେଲି ।

ଡକ୍ଟର ହରେକୃଷ୍ଣ ମହତାବ ଲେଖିଥିଲେ—"ହିରାକୁଦ ବନ୍ଧ ବିରୋଧ ଆନ୍ଦୋଳନ ବିରୁଦ୍ଧରେ ପ୍ରଚାର, ପୁରୀ ଜଗନ୍ନାଥ ମନ୍ଦିରରେ ହରିଜନ ପ୍ରବେଶ ପାଇଁ ପ୍ରଚାର ଏବଂ ଜନସାଧାରଣଙ୍କ ମଧ୍ୟରେ କଂଗ୍ରେସର ବାର୍ତ୍ତା ପ୍ରଚାର ଇତ୍ୟାଦି ବିଷୟରେ ସେ ଯେଉଁ କାର୍ଯ୍ୟକୁଶଳତାର ପ୍ରମାଣ ଦେଲେ ସେପରି ତା' ପରେ ଅନ୍ୟ କେହି ଦେଇ ନାହାନ୍ତି ।

"ହରିଜନ ଆଦିବାସୀ ଉନ୍ନୟନ ଏକ ବିପ୍ଳବାତ୍ମକ କାର୍ଯ୍ୟକ୍ରମ ସେତେବେଳେ ଥିଲା । ସେ ଦାୟିତ୍ୱରେ ଚିନ୍ତାମଣି ରହିଲେ । ସେବାଶ୍ରମ ଆଶ୍ରମ ସ୍କୁଲ ଇତ୍ୟାଦି ବିଭିନ୍ନ ଅଞ୍ଚଳରେ ସ୍ଥାପନ କରିବା ଏବଂ ଆଦି-ବାସୀଙ୍କ ମଧ୍ୟରେ ନୂତନ ସଭ୍ୟତା ବିସ୍ତାର କରିବା ଦିଗରେ ସେ ଯେତେ କାର୍ଯ୍ୟ ଯେପରି କୁଶଳତା ସହକାରେ କରିଥିଲେ, ସେପରି ଆଜିପର୍ଯ୍ୟନ୍ତ କେହି କରି ନାହିଁ । ବାର୍ଷିକ ଆଦିବାସୀ ସମ୍ମିଳନୀ ଓ ସେମାନଙ୍କଦ୍ୱାରା

Digitized by srujanika@gmail.com

ଉତ୍ପାଦିତ ସାମଗ୍ରୀମାନଙ୍କର ପ୍ରଦର୍ଶନୀ ଥିଲା ଚିନ୍ତାମଣିଙ୍କ ମୌଳିକ ଯୋଜନା । ଆଜିର ଭୁବନେଶ୍ୱରର ପ୍ରସିଦ୍ଧ ଆଦିବାସୀ ପଡ଼ିଆ ହେଉଛି ଚିନ୍ତାମଣିଙ୍କ ଯୋଜନାରୁ ପ୍ରସୂତ·········କିନ୍ତୁ ଆଜି ପ୍ରଶ୍ନର ଓ ଆଦିବାସୀ ହରିଜନ ଉନ୍ନୟନ ବିଭାଗରେ ସେ ସମୟର କାର୍ଯ୍ୟତତ୍ପରତାର ଏକଶତାଂଶ ମଧ୍ୟ ନାହିଁ । ସରକାରୀ କାର୍ଯ୍ୟ ବାହାରେ ସେ ସମୟରେ ମୋ'ର ଅନ୍ୟ ସାଂସ୍କୃତିକ କାର୍ଯ୍ୟରେ ସେ ଥିଲେ ପ୍ରଧାନ ସହାୟକ । ପ୍ରଜାତନ୍ତ୍ର ପ୍ରକାଶିତ ହେବ, କିନ୍ତୁ ସଂଗଠନ କରିବ କିଏ । ଏ ପ୍ରଶ୍ନର ସମାଧାନ କରିଥିଲେ ଚିନ୍ତାମଣି ମିଶ୍ର······ଏପରି କର୍ମକୁଶଳ ବ୍ୟକ୍ତି ବାସ୍ତବିକ ବିରଳ ।"(୧୯୮୧)

ଡକ୍ଟର ବୈଦ୍ୟନାଥ ମିଶ୍ର ଲେଖିଛନ୍ତି—"······କିନ୍ତୁ ସାଧାରଣ ଦରିଦ୍ର ଲୋକଙ୍କ ପ୍ରତି ତାଙ୍କର ଅଗାଧ ସ୍ନେହ ଓ ଶ୍ରଦ୍ଧା ଥିଲା । କୌଣସି ଜାତି ପ୍ରତି ବିତୃଷ୍ଣା ନ ଥିଲା । ଏପରିକି ନୈଷ୍ଠିକ ବ୍ରାହ୍ମଣ ଗ୍ରାମ ଭିତରେ ମଧ୍ୟ ହାଡ଼ି, ବାଉରି ଓ କଣ୍ଡରାଙ୍କ ସହିତ ବନ୍ଧୁତା ସ୍ଥାପନ କରୁଥିଲେ । ଦରିଦ୍ର ଲୋକଙ୍କୁ ନିଜର ଶକ୍ତି ଅନୁସାରେ ସାହାଯ୍ୟ କରୁଥିଲେ । ତାଙ୍କ ଘରେ ଯେଉଁମାନେ ହଳିଆ କାମ କରୁଥିଲେ ସେମାନେ ହଳିଆ ଭଳି ରହୁ ନ ଥିଲେ । ସେମାନେ ପରିବାରର ମଣିଷ ହିସାବରେ ଚଳୁଥିଲେ । ଚିନ୍ତାମଣି ବାବୁଙ୍କ ପ୍ରତି ସେମାନଙ୍କର ଯେଉଁ ଭକ୍ତି ଓ ଚିନ୍ତାମଣି ବାବୁଙ୍କର ସେମାନଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଥିଲା ତାହା ବାପପୁଅ ସମ୍ପର୍କଠାରୁ କୌଣସି ଗୁଣରେ କମ୍ ନ ଥିଲା । ସେମାନଙ୍କ ସୁଖ ଦୁଃଖରେ ସେ ଏତେ ଭାଗୀ ହେଉଥିଲେ ଯେ ସେମାନେ ଚିନ୍ତାମଣି ବାବୁଙ୍କୁ ବାପ ଭଳିଆ ମାନୁଥିଲେ । ······ଚିନ୍ତାମଣି ବାବୁ ସମାଜବାଦର ସ୍ଲୋଗାନ୍ ନ ଦେଇ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ଚାହୁଁଥିଲେ ।"

ଡକ୍ଟର ଶ୍ରଦ୍ଧାକର ସୂପକାର ଲେଖିଛନ୍ତି—"ତାଙ୍କର ଚିନ୍ତାଧାରାର ମୌଳିକତା ଓ ପ୍ରକାଶଭଙ୍ଗୀର ଅନବଦ୍ୟତା ତାଙ୍କର ସାହିତ୍ୟ କୃତିର ବୈଶିଷ୍ଟ୍ୟ ପୂର୍ଣ୍ଣ ଥିଲା । ମହାଦେବଙ୍କର ଓଡ଼ିଶା ଆଗମନ (ଦେବଦେବଙ୍କ ଦୁର୍ଗତି) ଆଧାରରେ ଯେଉଁ କଥାସାହିତ୍ୟ ସୃଷ୍ଟି କରିଯାଇଛନ୍ତି, ସେଥିରେ ରାଜନୀତି, ସମାଜନୀତି, ବ୍ୟଙ୍ଗ ମିଶ୍ରିକର ରହିଛି ।

Digitized by srujanika@gmail.com

"ଚନ୍ଦ୍ରାମଣି ବାବୁଙ୍କର କଥାର ମାଧୁରୀ, ଅଳ୍ପ କଥାରେ ଅପରିଚିତ ଲୋକକୁ ମଧ୍ୟ ଆପଣାର କରିପାରିବାର ଗୁଣ, ତାଙ୍କର ଅମାୟିକତା ମୋତେ ମୁଗ୍ଧ କରିଥିଲା ।

"ଶରୀର ଶେଷ ପରେ ମଧୁର ସ୍ମୃତି ଟିକକ ରହିଯାଏ । ମନୁଷ୍ୟ, ବନ୍ଧୁ, ସାହିତ୍ୟିକ ରୂପେ ଆମେ ତାଙ୍କୁ ମନେ ପକାଉଁ ।"(୧୯୮୧)

ଅବସରପ୍ରାପ୍ତ ଆଇ.ଏ.ଏସ୍. ସ୍ୱର୍ଗୀୟ ପ୍ରାଣନାଥ ମହାନ୍ତି ଲେଖିଥିଲେ—"ମୋର ପରମ ଶ୍ରଦ୍ଧେୟ ବନ୍ଧୁ ଚନ୍ଦ୍ରାମଣି ଅସାଧାରଣ ଅଧ୍ୟବସାୟଦ୍ୱାରା ବହୁ ପ୍ରତିବନ୍ଧକ ସତ୍ତ୍ୱେ ନିଜକୁ ଛାତ୍ରାବସ୍ଥାରେ ସୁପ୍ରତିଷ୍ଠିତ କରି ପାରିଥିଲେ ଏବଂ ପରବର୍ତ୍ତୀ କାଳରେ ପ୍ରଶାସନିକ ସେବା-ସଂସ୍ଥାରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇ ପାରିଥିଲେ । ଅକୃତ୍ରିମ ବନ୍ଧୁତ୍ୱ, ଅନାବିଳ ସ୍ନେହ ଏବଂ ବିଚକ୍ଷଣ କର୍ମକୁଶଳତା ବଳରେ ସେ ଛାତ୍ରସମାଜ ଉପରେ, ପ୍ରଶାସନିକ ସେବା-ସଂସ୍ଥା ସହିତ ସଂପୃକ୍ତ କର୍ମୀମାନଙ୍କ ମଧ୍ୟରେ ଏବଂ ଓଡ଼ିଶାର ସୁଧୀସମାଜ ଉପରେ ଅତୁଳନୀୟ ପ୍ରଭାବ ବିସ୍ତାର କରି-ପାରିଥିଲେ । ଗୀତୋକ୍ତ "ସର୍ବଭୂତହିତେ ରତଃ" ଏବଂ "ଦୁଃଖେଷ୍ୱନୁଦ୍-ବିଗ୍ନମନା ସୁଖେଷୁ ବିଗତସ୍ପୃହଃ" ଆଦର୍ଶଦ୍ୱାରା ଅନୁପ୍ରାଣିତ ହୋଇ ସର୍ବଦା କାର୍ଯ୍ୟ କରୁଥିବାରୁ ବନ୍ଧୁ ଚନ୍ଦ୍ରାମଣି ଥିଲେ ଅଜାତଶତ୍ରୁ" ।(୧୯୮୧)

"ତାଙ୍କର ବହୁମୁଖୀ ପ୍ରତିଭାର ଆଲୋକ ବହୁ କ୍ଷେତ୍ରରେ ଅଜ୍ଞତାର ଅନ୍ଧକାରକୁ ପୋଛିବାରେ ସମର୍ଥ ହୋଇଥିଲା"—ଡ଼ଃ ଜଗନ୍ନାଥ ମହାନ୍ତି ।

ଚନ୍ଦ୍ରାମଣି ମିଶ୍ରଙ୍କ ବିଷୟରେ ଲେଖିବସିଲେ ଏ କ୍ଷୁଦ୍ର ପୁସ୍ତିକାର କଳେବର ବିରାଟ ପୁସ୍ତକରେ ପରିଣତ ହେବ ।

ଶିକ୍ଷା ସମାପ୍ତି ପରେ ୧୯୬୭ ମସିହାରେ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାପାତ୍ର ଆଡ଼ଭୋକେଟଙ୍କୁ ବିବାହ କରି, ବାପା-ମା, ଭାଇଭଉଣୀ, ଭଣଜା, ପୁତୁରା, ଝିଆରୀଙ୍କ ନିଷ୍କପଟ ସ୍ନେହ ବନ୍ଧନକୁ ଛିନ୍ନ କରି ମୁଁ ଯେତେବେଳେ କଟକ ଗୃହମଚୌକିଠାରେ ସଂସାର ଆରମ୍ଭ କଲି, ପଡ଼ୋଶୀଭାବେ ମାନି ଗୋଟିଏ କାନ୍ଥର ବ୍ୟବଧାନରେ ପାଇଲି ଭରପୂର ସ୍ନେହଶ୍ରଦ୍ଧାପୂର୍ଣ୍ଣ ଠିକ୍ ସେମିତି ଗୋଟିଏ ପୂର୍ବ ପରିବାର ଶ୍ରୀଯୁକ୍ତ ଚନ୍ଦ୍ରାମଣି ମିଶ୍ରଙ୍କର ଯେମିତି ଗୋଟିଏ ସୁଦୂର ବାରିପଦାର 'ନନ୍ଦନବାସ'ରେ ଛୁଡ଼ି ଆସିଥିଲି । "ଝିଅ"

Digitized by srujanika@gmail.com

କମ୍ପା "ଆଲେ ମା" ସମ୍ବୋଧନ ଛଡ଼ା ଅନ୍ୟ କିଛି ଶୁଣି ନ ଥିଲି, ମୋ ପିଲେ "ନାତି, ନାତୁଣୀ" ସ୍ନେହ ଛଡ଼ା ଅନ୍ୟ କିଛି ପାଇ ନ ଥିଲେ ସ୍ୱର୍ଗୀୟ ଚନ୍ଦ୍ରମଣି ମିଶ୍ର କମ୍ପା ତାଙ୍କର ଉପଯୁକ୍ତ ସହଧର୍ମିଣୀ ସହିଷ୍ଣୁତାର ମୂର୍ତ୍ତିମନ୍ତ ଅବତାର ସ୍ୱର୍ଗୀୟା ସାବିତ୍ରୀ ଦେବୀଙ୍କଠାରୁ । ଶ୍ରୀ ମିଶ୍ରଙ୍କ ଦେହାନ୍ତ ହେବାର ଦୀର୍ଘ ବାର ବର୍ଷ ପରେ ତାଙ୍କ ସ୍ତ୍ରୀ ସାବିତ୍ରୀ ଦେବୀ ମଧ୍ୟ ଜାନୁଆରୀ ୯ ତାରିଖ ଦିନ ଇହଲୀଳା ସାଙ୍ଗ କରି ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଚାଲି ଯାଇଛନ୍ତି । ସେମାନେ ସେ ପୁରରେ ଥାଇ ଆଶିଷ ଢାଳନ୍ତୁ । ତାଙ୍କ ସ୍ମୃତି ଆମର ଚିର ପାଥେୟ ହେଉ । ଭଗବାନ ସେମାନଙ୍କ ଆତ୍ମାର ସଦ୍‌ଗତି କରନ୍ତୁ । ଏତିକି ପ୍ରାର୍ଥନା ।

ବିଳମ୍ବରେ ହେଲେ ମଧ୍ୟ (ଯାହା ଅନେକ ଦିନ ଆଗରୁ ହେବା ଉଚିତ୍ ଥିଲା) ବହୁ ସାହିତ୍ୟରଥୀଙ୍କ ଗହଣରେ ସ୍ୱର୍ଗୀୟ ଚନ୍ଦ୍ରମଣି ମିଶ୍ରଙ୍କ ତୈଳଚିତ୍ର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାନ ପାଇ ଏ ଯୁଗର ତଥା ଆଗାମୀ ଯୁଗର ସାହିତ୍ୟିକଙ୍କ ମାନସପଟରେ ଚିର ଜୀବିତ ହୋଇ ରହିବ । ଏ ମହା ଗୌରବର କଥା । ଆଜି ତାଙ୍କ ପ୍ରତିକୃତି ଉନ୍ମୋଚନ ହେବା ଉତ୍ସବରେ ତାଙ୍କ ସ୍ମୃତିଚାରଣ କରିବାର ସୁଯୋଗ, ସୌଭାଗ୍ୟ ମିଳିଥିବାରୁ ନିଜକୁ ଧନ୍ୟ ମନେକରୁଛି । ଓଡ଼ିଶାର କୃତୀ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ଅସିତ୍ ମୁଖାର୍ଜି ତୈଳଚିତ୍ରଟି ଅଙ୍କନ କରିଛନ୍ତି ।

ସରଳା ମହାପାତ୍ର
କଟକ
୧୭ । ୪ । ୧୯୯୩

Digitized by srujanika@gmail.com